# NATIONAL NEWS BULLETIN (ODIA)
## 11 June - 2024
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ମନ୍ତ୍ରିମଣ୍ଡଳରେ ହେଲା ବିଭାଗ ବଣ୍ଟନ ।

– ଅମିତ ଶାହାଙ୍କୁ ସ୍ୱରାଷ୍ଟ୍ର, ରାଜନାଥ ସିଂହଙ୍କୁ ପ୍ରତିରକ୍ଷା ଓ ନୀତିନ ଗଡ଼କରୀ ହେଲେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର କ୍ୟାବିନେଟ୍ ମନ୍ତ୍ରୀ ।

- ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ଚୟନ ପାଇଁ ଆଜି ଅନୁଷ୍ଠିତ ହେବ ବିଧାୟକ ଦଳ ବୈଠକ ।
- ନିଟ୍ ପରୀକ୍ଷାର୍ଥୀଙ୍କୁ ର୍‌ୟାଙ୍କ୍ ନେଇ ଭୟଭୀତ ନ ହେବାକୁ ପରାମର୍ଶ ଦେଲେ ଏନ୍.ଟି.ଏ.ର ମହାନିର୍ଦ୍ଦେଶକ ।
- ରାଜ୍ୟଗୁଡ଼ିକୁ ଟିକସ ହସ୍ତାନ୍ତର କିସ୍ତି ବାବଦ ଅର୍ଥ ପ୍ରଦାନ କଲେ କେନ୍ଦ୍ର ସରକାର ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ରେ ବାଂଲାଦେଶକୁ ୪ ରନ୍‌ରେ ପରାସ୍ତ କଲା ଦକ୍ଷିଣ ଆଫ୍ରିକା ।

## କ୍ୟାବିନେଟ୍-ପୋର୍ଟପୋଲିଓ

କେନ୍ଦ୍ରରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍.ଡି.ଏ. ସରକାର ଗଠନ ପରେ ଗତକାଲି ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଭାଗ ବଣ୍ଟନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ୍ ପ୍ରଶାସନ, ଆଣବିକ ଶକ୍ତି ଏବଂ ମହାକାଶ ବିଭାଗ ନିଜ ପାଖରେ ରଖିଛନ୍ତି । ଏହାଛଡ଼ା କୌଣସି ମନ୍ତ୍ରୀଙ୍କୁ ଦିଆଯାଇନଥିବା ସମସ୍ତ ବିଭାଗ ପ୍ରଧାନମନ୍ତ୍ରୀଙ୍କ ପାଖରେ ରହିଛି ।

ଚଳିତଥର ପୂର୍ବ ଭଳି ରାଜନାଥ ସିଂହଙ୍କୁ ପ୍ରତିରକ୍ଷା ମନ୍ତ୍ରଣାଳୟ ମିଳିଥିବା ବେଳେ ଅମିତ ଶାହା ସ୍ୱରାଷ୍ଟ୍ର ଏବଂ ସମବାୟ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହୋଇଛନ୍ତି । ସେହିପରି ନୀତିନ ଗଡ଼କରିଙ୍କୁ ସଡ଼କ ପରିବହନ ଓ ରାଜପଥ, ଜେ.ପି. ନଡ୍ଡାଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ରସାୟନ ଓ ସାର, ଶିବରାଜ ସିଂହ ଚୌହାନଙ୍କୁ କୃଷି ଓ କୃଷକ

କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ, ନିର୍ମଳା ସୀତାରମଣଙ୍କୁ ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର, ଡକ୍ଟର ଏସ୍. ଜୟଶଙ୍କରଙ୍କୁ ବୈଦେଶିକ ବ୍ୟାପାର ଓ ମନୋହରଲାଲ ଖଟ୍ଟରଙ୍କୁ ଆବାସ ଓ ସହରାଞ୍ଚଳ ଏବଂ ଶକ୍ତି ବିଭାଗ ମିଳିଛି ।

ଏଚ୍.ଡି. କୁମାର ସ୍ୱାମୀଙ୍କୁ ଭାରି ଉଦ୍ୟୋଗ ଏବଂ ଇସ୍ପାତ୍ ବିଭାଗ ମିଳିଥିବା ବେଳେ ପୀୟୂଷ ଗୋୟଲ୍‌ଙ୍କୁ ବାଣିଜ୍ୟ ଓ ଶିଳ୍ପ ବିଭାଗ ମିଳିଛି । ପୂର୍ବ ଭଳି ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷା ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହୋଇଥିବା ବେଳେ ଜିତନରାମ ମାନ୍‌ଝୀଙ୍କୁ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ରାଜୀବରଂଜନ ସିଂହ ଓରଫ୍ ଲଲନ ସିଂହଙ୍କୁ ପଞ୍ଚାୟତିରାଜ ଏବଂ ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ସର୍ବାନନ୍ଦ ସୋନଓ୍ୱାଲଙ୍କୁ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ, ଡକ୍ଟର ବୀରେନ୍ଦ୍ର କୁମାରଙ୍କୁ ସାମାଜିକ ନ୍ୟାୟ ଓ ସଶକ୍ତିକରଣ, କିଞ୍ଜରପୁ ରାମମୋହନ ନାଇଡୁଙ୍କୁ ବେସାମରିକ ବିମାନ ଚଳାଚଳ, ପ୍ରହଲାଦ ଯୋଶୀଙ୍କୁ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ଏବଂ ନୂତନ ଓ ଅକ୍ଷୟଶକ୍ତି ବିଭାଗ ଦାୟିତ୍ୱ ମିଳିଛି ।

ନୂଆ ମନ୍ତ୍ରିମଣ୍ଡଳରେ ଜୁଏଲ୍ ଓରାମ୍‌ଙ୍କୁ ଆଦିବାସୀ ବ୍ୟାପାର ଏବଂ ଅଶ୍ୱିନୀ ବୈଷ୍ଣବଙ୍କୁ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା କ୍ୟାବିନେଟ୍ ମନ୍ତ୍ରୀ ଭାବେ ନିଯୁକ୍ତି ମିଳିଛି । ଗିରିରାଜ ସିଂହଙ୍କୁ ବୟନ ଶିଳ୍ପ ବିଭାଗ ଦିଆଯାଇଥିବା ବେଳେ

ଜ୍ୟୋତିରାଦିତ୍ୟ  ସିନ୍ଧିଆଙ୍କୁ ସଂଚାର ଏବଂ ଉତ୍ତର-ପୂର୍ବାଞ୍ଚଳ ବିକାଶ କ୍ୟାବିନେଟ୍ ମନ୍ତ୍ରୀ କରାଯାଇଛି ।

ଭୂପେନ୍ଦ୍ର ଯାଦବଙ୍କୁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ, ଗଜେନ୍ଦ୍ର ସିଂହ ଶେଖାୱତଙ୍କୁ ସଂସ୍କୃତି ଓ ପର୍ଯ୍ୟଟନ, ଅନ୍ନପୂର୍ଣ୍ଣା ଦେବୀଙ୍କୁ ମହିଳା ଓ ଶିଶୁ ବିକାଶ, କିରଣ ରିଜିଜୁଙ୍କୁ ସଂସଦୀୟ ସଂଖ୍ୟାଲଘୁ ବ୍ୟାପାର, ହରଦୀପ ସିଂହ ପୁରୀଙ୍କୁ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍, ଡକ୍ଟର ମନସୁଖ ମାଣ୍ଡବ୍ୟଙ୍କୁ ଶ୍ରମ ଓ ନିୟୋଜନ ଏବଂ ଯୁବବ୍ୟାପାର ଓ କ୍ରୀଡ଼ା, ଜି. କିଶନ୍ ରେଡ୍ଡୀଙ୍କୁ କୋଇଲା ଓ ଖଣି, ଚିରାଗ ପାଶୱାନ୍‌ଙ୍କୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଏବଂ ସି.ଆର୍. ପାଟିଲଙ୍କୁ ଜଳଶକ୍ତି ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଦାୟିତ୍ୱ ଦିଆଯାଇଛି ।

ମନ୍ତ୍ରିମଣ୍ଡଳରେ ୫ ଜଣଙ୍କୁ ରାଷ୍ଟ୍ର ମନ୍ତ୍ରୀ ଭାବେ ସ୍ୱାଧୀନ ଦାୟିତ୍ୱ ଦିଆଯାଇଛି । ଏଥିରେ ରାଓ ଇନ୍ଦ୍ରଜିତ ସିଂହଙ୍କୁ ୪ଟି ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଥିବା ବେଳେ ଡକ୍ଟର ଜିତେନ୍ଦ୍ର ସିଂହଙ୍କୁ ୬ଟି, ଅର୍ଜୁନ ରାମ ମେଘୱାଲଙ୍କୁ ୨ଟି, ଯାଦବ ପ୍ରତାପରାଓ ଗଣପତରାଓଙ୍କୁ ୨ଟି ଏବଂ ଜୟନ୍ତ ଚୌଧୁରୀଙ୍କୁ ୨ଟି ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ସ୍ୱାଧୀନ ଦାୟିତ୍ୱ ଦିଆଯାଇଛି ।

ସେହିପରି ରାଷ୍ଟ୍ରମନ୍ତ୍ରୀ ଭାବେ  ୩୬ ଜଣଙ୍କୁ ମଧ୍ୟରେ ବିଭାଗ ବଣ୍ଟନ କରାଯାଇଛି । ଜିତିନ ପ୍ରସାଦଙ୍କୁ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଥିବା ବେଳେ ଶ୍ରୀପଦ ୟେସୋ ନାଏକଙ୍କୁ ଶକ୍ତି

ମନ୍ତ୍ରଣାଳୟ, ପଙ୍କଜ ଚୌଧୁରୀଙ୍କୁ ଅର୍ଥ, ରାମନାଥ ଠାକୁରଙ୍କୁ କୃଷି ଓ କୃଷକ କଲ୍ୟାଣ, ନିତ୍ୟାନନ୍ଦ ରାୟଙ୍କୁ ସ୍ୱରାଷ୍ଟ୍ର, ଡକ୍ଟର ଏଲ୍. ମୁରୁଗାନଙ୍କୁ ସୂଚନା ଓ ପ୍ରସାରଣ, ଜର୍ଜ କୁରିଏନ୍‌ଙ୍କୁ ସଂଖ୍ୟାଲଘୁ ବ୍ୟାପାର ଏବଂ ପବିତ୍ର ମାର୍ଗେରିଟାଙ୍କୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ରାଷ୍ଟ୍ର ମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଛି ।

## ଓଡ଼ିଶା ବିଜେପି ମିଟିଂ

ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ଚୟନ ନିମନ୍ତେ ଆଜି ଭୁବନେଶ୍ୱରରେ ବିଜେପି ବିଧାୟକ ଦଳର ବୈଠକ ଅନୁଷ୍ଠିତ ହେବ । ଏହି ପ୍ରକ୍ରିୟା ପାଇଁ କେନ୍ଦ୍ର ମନ୍ତ୍ରୀ ରାଜନାଥ ସିଂହ ଏବଂ ଭୂପେନ୍ଦ୍ର ଯାଦବଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି । ଆସନ୍ତାକାଲି ରାଜ୍ୟରେ ବିଜେପି ନେତୃତ୍ୱାଧୀନ ନୂଆ ସରକାର ଶପଥ ଗ୍ରହଣ କରିବ ।

ଚଳିତ ନିର୍ବାଚନରେ ୧୪୭ ଆସନ ବିଶିଷ୍ଟ ଓଡ଼ିଶା ବିଧାନସଭାରେ ବିଜେପି ୭୮ଟି ଆସନରେ ବିଜୟଲାଭ କରି ସଂଖ୍ୟା ଗରିଷ୍ଠତା ହାସଲ କରିଛି ।

# ଏନ୍‌ଟିଏ-ନିଟ୍

ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ.ର ମହାନିର୍ଦ୍ଦେଶକ ସୁବୋଧ କୁମାର ସିଂହ ନିଟ୍ ପରୀକ୍ଷାର୍ଥୀମାନଙ୍କୁ ସେମାନେ ପାଇଥିବା ର୍‍ୟାଙ୍କ୍ ନେଇ ଭୟଭିତ ନ ହେବାକୁ କହିଛନ୍ତି । ଚଳିତ ବର୍ଷ ଏହି ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ୬ଟି ପରୀକ୍ଷା କେନ୍ଦ୍ରର ୧ହଜାର ୫୬୩ ଜଣ ବିଦ୍ୟାର୍ଥୀଙ୍କୁ ଦିଆଯାଇଥିବା ଗ୍ରେସ୍ ମାର୍କର ତଦନ୍ତ ଚାଲିଛି । ଏହି ପ୍ରକ୍ରିୟାରେ ପୁଣିଥରେ ର୍‍ୟାଙ୍କ୍ ପ୍ରକାଶ ପାଇବାର ସମ୍ଭାବନା ରହିଥିବାରୁ ଶ୍ରୀ ସିଂହ ପରୀକ୍ଷାର୍ଥୀମାନଙ୍କୁ ସେମାନଙ୍କ ର୍‍ୟାଙ୍କ୍‌ରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି କହିଛନ୍ତି । ଏକ ଚାରିଜଣିଆ କମିଟି ଏହି ଘଟଣାର ତଦନ୍ତ କରୁଛନ୍ତି । ଆସନ୍ତା ଏକ ସପ୍ତାହ ମଧ୍ୟରେ କମିଟି ରିପୋର୍ଟ ପ୍ରଦାନ କରିବେ । ଶ୍ରୀ ସିଂହ କହିଛନ୍ତି, ନାମଲେଖା କ୍ଷେତ୍ରରେ ମଧ୍ୟ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ ।

## କ୍ୟାବିନେଟ୍

କେନ୍ଦ୍ର ସରକାର ଟିକସ ହସ୍ତାନ୍ତର କିସ୍ତି ବାବଦକୁ ୧ଲକ୍ଷ ୩୯ ହଜାର ୭୫୦ କୋଟି ଟଙ୍କା ରାଜ୍ୟ ଗୁଡ଼ିକୁ ପ୍ରଦାନ କରିବେ । ଏଥିରେ ଚଳିତ ବର୍ଷର ଜୁନ୍ ମାସର ଅର୍ଥ ରାଶି ସମେତ ଗୋଟିଏ ଅତିରିକ୍ତ କିସ୍ତି ପ୍ରଦାନ କରାଯିବ । ଉତ୍ତରପ୍ରଦେଶକୁ ସର୍ବାଧିକ ୨୫ ହଜାର ୬୯ କୋଟି ଟଙ୍କା ମିଳିବାକୁ ଥିବା ବେଳେ ଓଡ଼ିଶାକୁ ୬ହଜାର ୩୨୭ କୋଟି ଟଙ୍କା ପ୍ରଦାନ କରାଯାଇଛି । କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏ ପର୍ଯ୍ୟନ୍ତ ୨ଲକ୍ଷ ୭୯ ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି ।

## ପ୍ରେସିଡେଣ୍ଟ

ମାଳଦ୍ୱୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁ' ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମାଳଦ୍ୱୀପର ଜନସାଧାରଣଙ୍କୁ ଓ ନୂଆ ସରକାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଆଗାମୀ ଦିନରେ ଡକ୍ଟର ମୁଇଜ୍ଜୁଙ୍କ ନେତୃତ୍ୱରେ ମାଳଦ୍ୱୀପର ବିକାଶ ଘଟିବ ବୋଲି ରାଷ୍ଟ୍ରପତି କାମନା କରିଛନ୍ତି । ଭାରତ-ମାଳଦ୍ୱୀପ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ସୁଦୃଢ଼ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି ।

ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ କୁମାର ଜଗନ୍ନାଥ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଛନ୍ତି । ସାମୁଦ୍ରିକ କ୍ଷେତ୍ରରେ ମରିସସ୍ ଭାରତର ଏକ ଦୃଢ଼ ସହଯୋଗୀ ଏବଂ ସାଗର ପ୍ରକଳ୍ପ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି । ଆଗାମୀ ଦିନରେ ଭାରତ-ମରିସସ୍ ଅନେକ ଗୁଡ଼ିଏ ବିକାଶ ମୂଳକ ପ୍ରକଳ୍ପ ହାତକୁ ନେବେ ବୋଲି ଜଣାପଡ଼ିଛି ।

ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ପ୍ରଚଣ୍ଡ ରାଷ୍ଟ୍ରପତିଙ୍କ ସାକ୍ଷାତ ସମୟରେ ଉଭୟ ଦେଶ ମଧ୍ୟରେ ଦୃଢ଼ ସମ୍ପର୍କ ରହିଥିବା କହିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପଡ଼ୋଶୀ ପ୍ରଥମ ନୀତି ଜରିଆରେ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ସୁଦୃଢ଼ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

## ସିବିଏସ୍ଇ

ଛାତ୍ରଛାତ୍ରୀମାନଙ୍କୁ ୨୦୨୪-୨୫ ଶିକ୍ଷା ବର୍ଷ ନିମନ୍ତେ ପାଠ୍ୟକ୍ରମ, ପାଠ୍ୟପୁସ୍ତକ ଏବଂ ସାମ୍ପୁଲ୍ ପ୍ରଶ୍ନପତ୍ର ନେଇ ଭୁଲ୍ ସୂଚନା ଠାରୁ ସତର୍କ ରହିବାକୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ସି.ବି.ଏସ୍.ଇ. କହିଛି । କେତେଗୁଡ଼ିଏ ୱେବ୍‌ସାଇଟ୍ ଏବଂ ପୋର୍ଟାଲ୍ ଅନ୍‌ଲାଇନ୍ ମାଧ୍ୟମରେ ଭ୍ରମାତ୍ମକ ତଥ୍ୟ ଦେଉଥିବାରୁ ଏଥିପ୍ରତି ସତର୍କ ରହିବା ଲାଗି ସି.ବି.ଏସ୍.ଇ. ସୂଚନା ଦେଇଛି ।

ଏକ ବିଜ୍ଞପ୍ତିରେ କୁହାଯାଇଛି, ଏଭଳି ସୂଚନା ଯୋଗୁଁ ଛାତ୍ରଛାତ୍ରୀ, ବିଦ୍ୟାଳୟ, ଅଭିଭାବକ ଏବଂ ଅନ୍ୟମାନଙ୍କ ମଧ୍ୟରେ ସନ୍ଦେହ ଉପୁଜିବାର ସମ୍ଭାବନା ରହିଛି । ଛାତ୍ରଛାତ୍ରୀମାନଙ୍କୁ ଠିକ୍ ସୂଚନା ପାଇଁ କେବଳ ସି.ବି.ଏସ୍.ଇ. ୱେବ୍‌ସାଇଟ୍‌ର ସାହାଯ୍ୟ ନେବାକୁ କୁହାଯାଇଛି ।

## ସିକ୍କିମ୍-ସ୍ୱେରିଂ

ପ୍ରେମ୍ ସିଂହ ତମାଙ୍ଗ ସିକ୍କିମ୍‌ର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ସେ ଦ୍ୱିତୀୟଥର ପାଇଁ ସିକ୍କିମ୍‌ର ଦାୟିତ୍ୱ ଗ୍ରହଣ କରିଛନ୍ତି ।

ତାଙ୍କ ସହ ୧୧ ଜଣିଆ କ୍ୟାବିନେଟ୍ ମନ୍ତ୍ରୀ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି । କ୍ୟାବିନେଟ୍ ମନ୍ତ୍ରୀଙ୍କ ମଧ୍ୟରେ ସୋନମ ଲାମା, ଅରୁଣ କୁମାର ଉପ୍ରେତି, ଭୋଜରାଜ ରାୟ ପ୍ରମୁଖ ଅଛନ୍ତି ।

## ମଣିପୁର-ଆଟାକ

ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବିରେନ୍ ସିଂହଙ୍କ ସୁରକ୍ଷା ଦଳ ଉପରେ ହୋଇଥିବା ଆକ୍ରମଣକୁ ସେ ନିନ୍ଦା କରିଛନ୍ତି । ସେ କହିଛନ୍ତି, ଦୋଷୀମାନଙ୍କୁ ଧରିବା ଲାଗି ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିବେ । ଏହି ଆକ୍ରମଣରେ ଆହତ ହୋଇଥିବା ଡ୍ରାଇଭର୍‌କୁ ମୁଖ୍ୟମନ୍ତ୍ରୀ ସାକ୍ଷାତ କରିଛନ୍ତି । ଆହତ ହୋଇଥିବା ଡ୍ରାଇଭର୍‌କୁ ଇମ୍ଫାଲ୍‌ର ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ଇତିମଧ୍ୟରେ ସୁରକ୍ଷାବଳ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଛି ।

# ମଣିପୁର-ଟିମ୍

ମଣିପୁରରେ ଗତ ମାସରେ ହୋଇଥିବା ବାତ୍ୟାରେ କ୍ଷୟକ୍ଷତି ଆକଳନ ଲାଗି ଏକ କେନ୍ଦ୍ରୀୟ ମନ୍ତ୍ରୀ ଦଳ ସେଠାରେ ପହଞ୍ଚିଛନ୍ତି । ଗତ ମାସ ୫ ତାରିଖରେ ପ୍ରବଳ ଝଡ଼ତୋଫାନ ଯୋଗୁଁ ମଣିପୁରର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ଏଥିରେ ବାସଗୃହ ଗୁଡ଼ିକ ନଷ୍ଟ ହେବା ଯାନବାହନ ଭାଙ୍ଗିରୁଜି ଯିବା ସହ ଫସଲହାନୀ ହୋଇଥିଲା । ଗତକାଲି ଏହି କେନ୍ଦ୍ରୀୟ ମନ୍ତ୍ରୀ ଦଳ ଥୋବାଲ ସମେତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି । ଏହି ୪ ଜଣିଆ କେନ୍ଦ୍ରୀୟ ମନ୍ତ୍ରୀ ଦଳ ରାଜ୍ୟର ବରିଷ୍ଠ ପ୍ରଶାସନିକ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ ।

# ଟି-ଟ୍ୱେଣ୍ଟି ୱାର୍ଲ୍ଡକପ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୪ ରନ୍‌ରେ ବାଂଲାଦେଶକୁ ପରାସ୍ତ

କରିଛି । ନ୍ୟୁୟର୍କର ନାସା କାଉଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଗତ ସନ୍ଧ୍ୟାରେ ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୧୧୩ରନ୍ କରିଥିଲା । ଏହାର ପିଛା କରି ବାଂଲାଦେଶ ୨୦ ଓଭରରେ ୭ ୱିକେଟ୍ ହରାଇ ୧୦୯ରନ୍ ସ୍କୋର କରିବାକୁ ସକ୍ଷମ ହୋଇଥିଲା ।

ଆଜି ସେହି ଷ୍ଟାଡିୟମ୍‌ରେ ପାକିସ୍ତାନ ଓ କାନ୍ନାଡ଼ା ମଧ୍ୟରେ ମୁକାବିଲା ହେବ । ପୂର୍ବରୁ ପାକିସ୍ତାନ ଆମେରିକା ଏବଂ ଭାରତ ଠାରୁ ପରାସ୍ତ ହୋଇଥିବା ବେଳେ ଶେଷ ମ୍ୟାଚ୍‌ରେ କାନ୍ନାଡ଼ା' ଆୟରଲାଣ୍ଡ ଠାରୁ ୧୨ରନ୍‌ରେ ପରାସ୍ତ ହୋଇଥିଲା ।